FAX : 2562822/2560955
TEL : 2564033/2563294
EPABX : 2561909/2562847
E-mail : paribesh1@ospboard.org
Website : www.ospcboard.org

STATE POLLUTION CONTROL BOARD, ODISHA

[DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA]
Paribesh Bhawan, A/118, Nilakanthanagar, Unit-VIII,
Bhubaneswar – 751012

(CENTRAL LABORATORY)

No 16281 / **VISc(LEM) Proj-96/2026-27** **Date** 30/10/2026 /

Advisory Guidelines for Bursting of Fire Crackers

- Celebrate Deepavali by lighting Diyas only and limit bursting of firecrackers from **7:00 p.m. to 9:00 p.m.**
- Avoid bursting of series firecrackers and loud noise generating crackers.
- Firecrackers should not exceed a peak noise level of **125 dB (AI)**.
- Do not burst firecrackers in silence zones such as **gardens/parks, hospitals, educational institutions, courts, religious places, etc.** as declared by the competent authority.
- The Hon'ble Supreme Court has banned the production and sale of all crackers except **green crackers**.
- Only **green firecrackers** are allowed for bursting in open areas.
- While purchasing green crackers, see the CSIR-NEERI green logo and QR code on the cover of the packet and purchase from authorised fireworks vendors.
- Avoid using firecrackers near slum areas, shops, buildings, or structures that are **Fire-susceptible** and also on roads and in heavy traffic areas.
- Children below **10 years** are not allowed to burst sound-generating firecrackers.
- Wear **cotton clothes** while bursting firecrackers.
- Use of **Barium** and other banned chemicals in firecrackers is strictly prohibited.
- Keep a bucket of water or sand nearby while bursting firecrackers for emergency use.
- Do not hold firecrackers in hand while lighting them; always place them on the ground.
- Maintain a safe distance immediately after lighting firecrackers.
- Never try to relight a cracker that has failed to ignite.
- Dispose used crackers and debris safely to avoid accidental fire.
- Protect pets and animals from exposure to firecrackers as they are sensitive to noise and smoke.
- Senior citizens and people with respiratory problems should avoid exposure to cracker smoke.
- Encourage use of eco-friendly celebrations with lights, diyas, and cultural activities instead of excessive crackers.
- For protection of eyes use transparent goggles during bursting of firecrackers.
- Any non-compliance in the above mentioned will attract penalty provision of Orissa fire crackers & loud speakers (Regulation) Act, 1958 and Noise Pollution (Regulation & Control) Rule-2000.
- Any complaint in this regard may be filed with the District Administration and Police of the concerned district or area.

Member Secretary

FAX : 2562822/2560955
TEL : 2564033/2563294
EPABX : 2561909/2562847
E-mail : paribesh1@ospboard.org
Website : www.ospcboard.org

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼

[ଜଙ୍ଗଲ ପରିବେଶ ଓ ଜଲବାୟୁ ପରିବର୍ତନ ବିଭାଗ , ଓଡ଼ିଶା ସରକାର]

ପରିବେଶ ଭବନ, ନୀଳକଣ୍ଠ ନଗର, ୟୁନିଟ- ,

ଭୁବନେଶ୍ୱର – ୭୫୧୦୧୨

(କେନ୍ଦ୍ରୀୟ ପରୀକ୍ଷାଗାରା)

No ୧୬୩୫୮ / VISc(LEM) Proj-96/2026-27 Date ୩୧/୧୦/୨୦୨୬ /

ଦୀପାବଳିରେ ବାଣ ଫୁଟାଇବା ସମ୍ପର୍କିତ ପରାମର୍ଶମୂଳକ ନିର୍ଦ୍ଦେଶାବଳୀ

- କେବଳ ଦୀପ ଜାଳି ଦୀପାବଳି ପାଳନ କରନ୍ତୁ ଏବଂ ବାଣ ଫୁଟାଇବାକୁ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ ସୀମିତ ରଖନ୍ତୁ।
- ମାଳ ବାଣ ଏବଂ ଅତ୍ୟଧିକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବାରୁ ନିବୃତ୍ତ ରୁହନ୍ତୁ।
- ବାଣର ଶବ୍ଦ ସ୍ତର ନିର୍ଦ୍ଧାରିତ ସର୍ବାଧିକ ସୀମା ୧୨୫ dB(AI) ଅତିକ୍ରମ କରିବା ଉଚିତ ନୁହେଁ।
- କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିରବ ଅଞ୍ଚଳ (Silence Zone) ଭାବେ ଘୋଷିତ ଉଦ୍ୟାନ, ପାର୍କ, ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳ ଆଦି ସ୍ଥାନରେ ବାଣ ଫୁଟାନ୍ତୁ ନାହିଁ।
- ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗ୍ରୀନ୍ କ୍ରାକର୍ସ ବ୍ୟତୀତ ଅନ୍ୟ ବାଣର ଉତ୍ପାଦନ ଓ ବିକ୍ରୟ ଉପରେ କଟକଣା ରହିଛି।
- ଖୋଲା ସ୍ଥାନରେ କେବଳ ଗ୍ରୀନ୍ କ୍ରାକର୍ସ (ପରିବେଶ ଅନୁକୂଳ ବାଣ) ଫୁଟାଇବାକୁ ଅନୁମତି ରହିଛି।
- ଗ୍ରୀନ୍ କ୍ରାକର୍ସ କିଣିବା ସମୟରେ ପ୍ୟାକେଟ୍ ଉପରେ CSIR-NEERI ର ସବୁଜ ଲୋଗୋ ଏବଂ QR କୋଡ୍ ଯାଞ୍ଚ କରନ୍ତୁ ଓ କେବଳ ଅନୁମୋଦିତ ବାଣ ବିକ୍ରେତାଙ୍କଠାରୁ କିଣନ୍ତୁ।
- ବସ୍ତି ଅଞ୍ଚଳ, ଦୋକାନ, ଅଟ୍ଟାଳିକା କିମ୍ବା ଅଗ୍ନିକାଣ୍ଡର ଆଶଙ୍କା ଥିବା ସ୍ଥାନ, ରାସ୍ତା ଏବଂ ଅଧିକ ଯାନବାହନ ଚଳାଚଳ କରୁଥିବା ଅଞ୍ଚଳ ନିକଟରେ ବାଣ ଫୁଟାନ୍ତୁ ନାହିଁ।
- ୧୦ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବାକୁ ଦିଅନ୍ତୁ ନାହିଁ।
- ବାଣ ଫୁଟାଇବା ସମୟରେ ସୂତା କପଡ଼ା ପିନ୍ଧନ୍ତୁ।
- ବାଣରେ ବେରିୟମ୍ (Barium) ଏବଂ ଅନ୍ୟାନ୍ୟ ନିଷିଦ୍ଧ ରାସାୟନିକ ପଦାର୍ଥର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ।
- ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ ବାଣ ଫୁଟାଇବା ସ୍ଥାନ ନିକଟରେ ଏକ ବାଲ୍ଟି ପାଣି କିମ୍ବା ବାଲି ରଖନ୍ତୁ।
- ବାଣ ଜାଳିବା ସମୟରେ ଏହାକୁ ହାତରେ ଧରନ୍ତୁ ନାହିଁ। ସର୍ବଦା ଭୂମି ଉପରେ ରଖି ଜାଳନ୍ତୁ।
- ବାଣ ଜାଳିବା ପରେ ତୁରନ୍ତ ନିରାପଦ ଦୂରତାକୁ ଚାଲିଯାଆନ୍ତୁ।
- ଫୁଟି ନଥିବା ବାଣକୁ ପୁନର୍ବାର ଜାଳିବାକୁ ଚେଷ୍ଟା କରନ୍ତୁ ନାହିଁ।

FAX : 2562822/2560955
TEL : 2564033/2563294
EPABX : 2561909/2562847
E-mail : paribesh1@ospboard.org
Website : www.ospcboard.org

- [illegible] ଏହାର ଅବଶିଷ୍ଟାଂଶକୁ ସୁରକ୍ଷିତ ଭାବେ ନିଷ୍କାସନ କରନ୍ତୁ, ଯାହାଦ୍ୱାରା ଅକସ୍ମାତ ଅଗ୍ନିକାଣ୍ଡ ଘଟିବ ନାହିଁ।
- ଗୃହପାଳିତ ପଶୁପକ୍ଷୀ ଏବଂ ଅନ୍ୟ ଜୀବଜନ୍ତୁଙ୍କୁ ବାଣର ଶବ୍ଦ ଓ ଧୂଆଁରୁ ସୁରକ୍ଷିତ ରଖନ୍ତୁ, କାରଣ ସେମାନେ ଶବ୍ଦ ଓ ଧୂଆଁ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ।
- ବୟସ୍କ ନାଗରିକ ଏବଂ ଶ୍ୱାସଜନିତ ସମସ୍ୟା ଥିବା ବ୍ୟକ୍ତିମାନେ ବାଣର ଧୂଆଁ ସଂସ୍ପର୍ଶରୁ ଦୂରେଇ ରୁହନ୍ତୁ।
- ଅତ୍ୟଧିକ ବାଣ ଫୁଟାଇବା ପରିବର୍ତ୍ତେ ଆଲୋକ, ଦୀପ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ଅନୁକୂଳ ଦୀପାବଳି ପାଳନକୁ ପ୍ରୋତ୍ସାହିତ କରନ୍ତୁ।
- ବାଣ ଫୁଟାଇବା ସମୟରେ ଆଖିର ସୁରକ୍ଷା ପାଇଁ ସ୍ୱଚ୍ଛ ସୁରକ୍ଷା ଚଷମା (Transparent Goggles) ବ୍ୟବହାର କରନ୍ତୁ।
- ଉପରୋକ୍ତ ନିୟମାବଳୀର ଉଲ୍ଲଂଘନ କଲେ ଓଡ଼ିଶା ଆତସବାଜି ଓ ଲାଉଡ୍‌ସ୍ପିକର (ନିୟନ୍ତ୍ରଣ) ଆଇନ, ୧୯୫୮ ଏବଂ ଶବ୍ଦ ପ୍ରଦୂଷଣ (ନିୟନ୍ତ୍ରଣ ଓ ବିନିୟମ) ନିୟମାବଳୀ, ୨୦୦୦ ଅନୁଯାୟୀ ଦଣ୍ଡବିଧାନ ହୋଇପାରେ।
- ଏ ସମ୍ପର୍କିତ ଯେକୌଣସି ଅଭିଯୋଗ ନିଜ ଜିଲ୍ଲା କିମ୍ବା ଅଞ୍ଚଳର ଜିଲ୍ଲା ପ୍ରଶାସନ ଅଥବା ପୋଲିସ ନିକଟରେ ଦାଖଲ କରିପାରିବେ।

ସଦସ୍ୟ ସଚିବ